ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଉପନିଷଦ

(ଉପନିଷତ୍)

Upanishad / उपनिषत्

## ୧୦୮ ଉପନିଷଦ (ଭାଗ - ୨)

108 Upanishad (Vol – 2)


### ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


### ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia


ଉପଦେଷ୍ଟା

### ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ସଂପାଦକ, ହିନ୍ଦୁ ମହାସଭା, ଓଡ଼ିଶା ଶାଖା

# ବେଦ ଉପନିଷଦ

ଉପନିଷଦ ଗୁଡିକ 'ବେଦ ଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି । ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ଗୁଡିକ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ଗୁଡିକର ବିଷୟବସ୍ତୁ '**ଆତ୍ମବିଦ୍ୟା** ଓ '**ବ୍ରହ୍ମବିଦ୍ୟା** ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଦେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟ ମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦ ମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକ ମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ଗୁଡିକୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲେ - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ଗୁଡିକ ଅଛି । (ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

# ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋଗ୍ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, | - | ଅକ୍ଷମାଳିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ବେତାଶ୍ବତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ବତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତ୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ବ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |
| ଶୁକ୍ଳ ଯଜୁର୍ବେଦ | ୧୮ | ଈଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ୟାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଳ-ବ୍ରାହ୍ମଣ |

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସର୍ବମୋଟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

**ପ୍ରୀୟ ପାଠକ,**

ବିଭିନ୍ନ ସୂତ୍ରରୁ ଉପଲବ୍ଧ ଉପନିଷଦ ମାନଙ୍କ ମଧ୍ୟରେ ସାମାନ୍ୟ ଅନ୍ତର ପରିଲକ୍ଷିତ ହୋଇଥାଏ, ଏହା ଭୁଲ୍ କିମ୍ବା ତୃଟିଯୁକ୍ତ ନୁହେଁ, ଏହା କେବଳ ଭିନ୍ନ ଭିନ୍ନ ସଂସ୍କରଣ ଅଟେ । ଏହି ଉପନିଷଦ ସଂସ୍କରଣରେ ୧୯୪୮ ମସିହାରେ ପ୍ରକାଶିତ "ଇଶାଦି ବିଂଶୋତ୍ତରଶତୋପନିଷଦଃ" ପୁସ୍ତକ ବ୍ୟବହାର କରାଯାଇଛି ।

ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ ସମସ୍ତ ସାବଧାନ, ଓ ଯତ୍ନର ସହିତ ଓଡିଆରେ ରୂପାନ୍ତର କରାଯାଇଛି । ଏଥିରେ ଭୁଲ୍ ବା ତୃଟି ରହିଥାଇପାରେ, ଯଦି କିଛି ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହା ସମସ୍ତ ଓଡିଆ ଭାଷା ଭାଷୀ ଜ୍ଞାନଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଅନ୍ୟମାନଙ୍କ, ତଥା ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୯.୨୦୨୧**
**ଗଣେଶ ଚତୁର୍ଥୀ**

**ଶ୍ରୀ ପ୍ରକାଶ ପ୍ରଧାନ**
**ସଂପାଦକ**
ସଂସାରଫଳ, ପଚାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

# ସାମାନ୍ୟ ଉପନିଷଦ

(Minor Upanishad)

ଓଁ ଶ୍ରୀ ଗଣେଶାୟ ନମଃ

# ମନ୍ତ୍ରିକ ଉପନିଷଦ

(Mantrikopanisat / Mantrika Upanishad)


**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan


**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia


**ଶୁଦ୍ଧିକରଣ (**Proofreading by)

ଶ୍ରୀ ଶେଷଦେବ ଦାଶ




## ଶ୍ରୀ ପ୍ରକାଶ ପ୍ରଧାନ

ସଂପାଦକ

prakash@scholarshoppe.com


## ଶୁଦ୍ଧିକରଣ




## ଶ୍ରୀ ଶେଷଦେବ ଦାଶ

ପୋଡାମାରି ଗଡ, ସାନଖେମୁଣ୍ଡି,

ଗଞ୍ଜାମ, ଓଡିଶା

sesanirbhaya@gmail.com

# ମନ୍ତ୍ରିକୋପନିଷତ୍ / ମନ୍ତ୍ରିକ ଉପନିଷଦ

## ।। ଅଥ ମନ୍ତ୍ରିକୋପନିଷତ୍ ।।

ସ୍ୱାବିଦ୍ୟାଦ୍ୱୟତତ୍କାର୍ଯ୍ୟାପହ୍ନବଜ୍ଞାନଭାସୁରମ୍ ।
ମନ୍ତ୍ରିକୋପନିଷଦ୍ୱେଦ୍ୟଂ ରାମଚନ୍ଦ୍ରମହଂ ଭଜେ ।।

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍-ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ଓଁ ଅଷ୍ଟପାଦଂ ଶୁଚିଂ ହଂସଂ ତ୍ରିସୂତ୍ରମଣୁମବ୍ୟୟମ୍ ।
ତ୍ରିବର୍ତ୍ମାନଂ ତେଜସୋଽହଂ ସର୍ବତଃପଶ୍ୟନ୍ନ ପଶ୍ୟତି ।। ୧।।

ଭୂତସଂମୋହନେ କାଲେ ଭିନ୍ନେ ତମସି ବୈଖରେ ।
ଅନ୍ତଃ ପଶ୍ୟନ୍ତି ସତ୍ତ୍ୱସ୍ଥା ନିର୍ଗୁଣଂ ଗୁଣଗହ୍ୱରେ ।। ୨।।

ଅଶକ୍ୟଃ ସୋଽନ୍ୟଥା ଦ୍ରଷ୍ଟୁଂ ଧ୍ୟାୟମାନଃ କୁମାରକୈଃ ।
ବିକାରଜନନୀମଜ୍ଞାମଷ୍ଟରୂପାମଜାଂ ଧ୍ରୁବାମ୍ ।। ୩।।

ଧ୍ୟାୟତେଽଧ୍ୟାସିତା ତେନ ତନ୍ୟତେ ପ୍ରେର୍ୟତେ ପୁନଃ ।
ସୂୟତେ ପୁରୁଷାର୍ଥଂ ଚ ତେନୈବାଧିଷ୍ଠିତଂ ଜଗତ୍ ।। ୪।।

ଗୌରନାଦ୍ୟନ୍ତବତୀ ସା ଜନିତ୍ରୀ ଭୂତଭାବିନୀ ।
ସିତାସିତା ଚ ରକ୍ତା ଚ ସର୍ବକାମଦୁଧା ବିଭୋଃ ।। ୫।।

Not For Commercial Use

ପିବନ୍ତ୍ୟେନାମବିଷୟାପ୍ରବିଜ୍ଞାତାଂ କୁମାରକାଃ ।
ଏକସ୍ତୁ ପିବତେ ଦେବଃ ସ୍ୱଚ୍ଛନ୍ଦୋଽତ୍ର ବଶାନୁଗଃ ।। ୬।।

ଧ୍ୟାନକ୍ରିୟାଭ୍ୟାଂ ଭଗବାନ୍ଭୁଙ୍କ୍ତେଽସୌ ପ୍ରସହଦ୍ୱିଭୁଃ ।
ସର୍ବସାଧାରଣୀଂ ଦୋଗ୍ଧ୍ରୀଂ ପୀୟମାନାଂ ତୁ ୟଜ୍ୱଭିଃ ।। ୭।।

ପଶ୍ୟନ୍ତ୍ୟସ୍ୟାଂ ମହାତ୍ମାନଃ ସୁବର୍ଣ୍ଣଂ ପିପ୍ପଲାଶନମ୍ ।
ଉଦାସୀନଂ ଧ୍ରୁବଂ ହଂସଂ ସ୍ନାତକାଧ୍ୱର୍ୟବୋ ଜଗୁଃ ।। ୮।।

ଶଂସନ୍ତମନୁଶଂସନ୍ତି ବହ୍ୱୃଚାଃ ଶାସ୍ତ୍ରକୋବିଦାଃ ।
ରଥନ୍ତରଂ ବୃହତ୍ସାମ ସପ୍ତବୈଧୈସ୍ତୁ ଗୀୟତେ ।। ୯।।

ମନ୍ତ୍ରୋପନିଷଦଂ ବ୍ରହ୍ମ ପଦକ୍ରମସମନ୍ୱିତମ୍ ।
ପଠନ୍ତି ଭାର୍ଗବା ହ୍ୟେତେ ହ୍ୟଥର୍ବାଣୋ ଭୃଗୂତ୍ତମାଃ ।। ୧୦।।

ସବ୍ରହ୍ମଚାରିବୃତ୍ତିଶ୍ଚ ସ୍ତମ୍ଭୋଽଥ ଫଲିତସ୍ତଥା ।
ଅନଡ୍ୱାନ୍ରୋହିତୋଚ୍ଛିଷ୍ଟଃ ପଶ୍ୟନ୍ତେ ବହୁବିସ୍ତରମ୍ ।। ୧୧।।

କାଲଃ ପ୍ରାଣଶ୍ଚ ଭଗବାନ୍ମୃତ୍ୟୁଃ ଶର୍ବୋ ମହେଶ୍ୱରଃ ।
ଉଗ୍ରୋ ଭବଶ୍ଚ ରୁଦ୍ରଶ୍ଚ ସସୁରଃ ସାସୁରସ୍ତଥା ।। ୧୨।।

ପ୍ରଜାପତିର୍ବିରାଟ୍ ଚୈବ ପୁରୁଷଃ ସଲିଲମେବ ଚ ।
ସ୍ତୂୟତେ ମନ୍ତ୍ରସଂସ୍ତୁତ୍ୟୈରଥର୍ବବିଦିତୈର୍ବିଭୁଃ ।। ୧୩।।

ତଂ ଷଡ୍ୱିଂଶକ ଇତ୍ୟେତେ ସପ୍ତବିଂଶଂ ତଥାପରେ ।
ପୁରୁଷଂ ନିର୍ଗୁଣଂ ସାଂଖ୍ୟମଥର୍ବଶିରସୋ ବିଦୁଃ ।। ୧୪।।

Not For Commercial Use

ଚତୁର୍ବିଂଶତିସଂଖ୍ୟାତଂ ବ୍ୟକ୍ତମବ୍ୟକ୍ତମେବ ଚ ।
ଅଦ୍ୱୈତଂ ଦ୍ୱୈତମିତ୍ୟାହୁସ୍ତ୍ରିଧା ତଂ ପଞ୍ଚଧା ତଥା ।। ୧୫।।

ବ୍ରହ୍ମାଦ୍ୟଂ ସ୍ଥାବରାନ୍ତଂ ଚ ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ ।
ତମେକମେବ ପଶ୍ୟନ୍ତି ପରିଶୁଭ୍ରଂ ବିଭୁଂ ଦ୍ୱିଜାଃ ।। ୧୬।।

ୟସ୍ମିନ୍ସର୍ବମିଦଂ ପ୍ରୋତଂ ବ୍ରହ୍ମ ସ୍ଥାବରଜଙ୍ଗମମ୍ ।
ତସ୍ମିନ୍ନେବ ଲୟଂ ୟାନ୍ତି ସ୍ରବନ୍ତ୍ୟଃ ସାଗରେ ୟଥା ।। ୧୭।।

ୟସ୍ମିନ୍ଭାବାଃ ପ୍ରଲୀୟନ୍ତେ ଲୀନାଶ୍ଚାବ୍ୟକ୍ତତାଂ ୟୟୁଃ ।
ପଶ୍ୟନ୍ତି ବ୍ୟକ୍ତତାଂ ଭୂୟୋ ଜାୟନ୍ତେ ବୁଦ୍ବୁଦା ଇବ ।। ୧୮।।

କ୍ଷେତ୍ରଜ୍ଞାଧିଷ୍ଠିତଂ ଚୈବ କାରଣୈର୍ବିଦ୍ୟତେ ପୁନଃ ।
ଏବଂ ସ ଭଗବାନ୍-ଦେବଂ ପଶ୍ୟନ୍ତ୍ୟନ୍ୟେ ପୁନଃ ପୁନଃ ।। ୧୯।।

ବ୍ରହ୍ମ ବ୍ରହ୍ମେତ୍ୟଥାୟାନ୍ତି ୟେ ବିଦୁର୍ବ୍ରାହ୍ମଣାସ୍ତଥା ।
ଅତ୍ରୈବ ତେ ଲୟଂ ୟାନ୍ତି ଲୀନାଶ୍ଚାବ୍ୟକ୍ତଶାଲିନଃ ।।
ଲୀନାଶ୍ଚାବ୍ୟକ୍ତଶାଲିନ ଇତ୍ୟୁପନିଷତ୍ ।।

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍-ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

## ।। ଇତି ୟଜୁର୍ବେଦୀୟମନ୍ତ୍ରିକୋପନିଷତ୍ସମାପ୍ତା ।।

Not For Commercial Use